# NATIONAL NEWS BULLETIN (ODIA)

## 04th August - 2024

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତରେ ଆଜିଠାରୁ ବିଦେଶ ଯାତ୍ରା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ମଧ୍ୟପ୍ରଦେଶ ସାଗର ଜିଲ୍ଲାରେ ଏକ ମନ୍ଦିରର ପାଚେରୀ ଭୁଷୁଡ଼ି ପଡ଼ିବାରୁ ୯ ଶିଶୁ ମୃତ ।
- ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରିଟେନ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ଭାରତୀୟ ହକିଦଳ ।
- କେରଳ - ୱ୍ୟାନଡ୍ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୩୦୦କୁ ବୃଦ୍ଧି, ଉଦ୍ଧାର କାର୍ଯ୍ୟ ଜାରି ।

ଏବଂ

- ଭାରତ-ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ ଜାରି; ୨୪୧ ରନ୍‌ର ପିଛା କରି ଭାରତ ୭ ଓଭରରେ କରିଛି ୪୩ ରନ୍ ।

## ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତ୍ରିଦେଶୀୟ ଗସ୍ତରେ ଆଜି ସନ୍ଧ୍ୟାରେ ଯାତ୍ରା ଆରମ୍ଭ କରିବେ । ସେ ପ୍ରଥମେ ଫିଜିର ନାଦି'ରେ ପହଞ୍ଚିବେ । ଏହି ଗସ୍ତକାଳରେ ରାଷ୍ଟ୍ରପତି ତାଙ୍କ ପ୍ରତିପକ୍ଷମାନଙ୍କ ସହ ଦ୍ୱିପକ୍ଷୀୟ ବୈଠକ କରି ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଦେଶ ଗସ୍ତ ସମୟରେ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା କରିବେ ।

ଆଜି ସନ୍ଧ୍ୟା ୭ଟା ୪୫ ମିନିଟ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଲମ୍ ବାୟୁସେନା ଘାଟିରୁ ଯାତ୍ରା ଆରମ୍ଭ କରିବେ । ପ୍ରଥମ ଭାରତୀୟ ରାଷ୍ଟ୍ରପତି ଭାବେ ଏହା ଫିଜି ଏବଂ ତିମୋର୍‌କୁ ଗସ୍ତ କରିବେ ।

## ଏମ୍.ପି. - ୯ ଡେଥ୍ସ୍

ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ଆଜି ସକାଳେ ଏକ ମନ୍ଦିରର ପାଚିରୀ ଭୁଷୁଡ଼ି ପଡ଼ିବା ଫଳରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ମଧ୍ୟପ୍ରଦେଶର ସାହାପୁରସ୍ଥିତ ହର୍ଦ୍ଦୋଲ

ବାବା ମନ୍ଦିରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଆହତ ପିଲାମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ସାଗର ଜିଲ୍ଲାପାଳ ଦୀପକ ଆର୍ଯ୍ୟ କହିଛନ୍ତି, ଆହତ ହୋଇଥିବା ପିଲାମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି । ସେ କହିଛନ୍ତି, ଦୁର୍ଘଟଣା ସ୍ଥଳରୁ ଭୁଷୁଡ଼ି ପଡ଼ିଥିବା ପାଚେରୀକୁ ହଟାଇ ଦିଆଯାଇଛି । ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପିଛା ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ବାଂଲାଦେଶ - କ୍ରାଇସେଷ୍ଟ

ବାଂଲାଦେଶରେ ବିକ୍ଷୋଭକାରୀମାନେ ଦେଶବ୍ୟାପୀ ଆରମ୍ଭ କରିଥିବା ଅସହଯୋଗ ଆନ୍ଦୋଳନ ପରିପ୍ରେକ୍ଷୀରେ ହିଂସାତ୍ମକ ଘଟଣା ଜାରି ରହିଛି । ଇତିମଧ୍ୟରେ ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା ପ୍ରସ୍ତାବକୁ ଖଣ୍ଡନ କରିଛନ୍ତି ଏବଂ ସେମାନେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ ଯୋଗୁଁ ଅଧିକାଂଶ ଦୋକାନବଜାର ଏବଂ କାର୍ଯ୍ୟାଳୟ ବନ୍ଦ ରହିଛି । ଗତ ମାସରେ ଅନେକ ଦିନ ଧରି ବାଂଲାଦେଶରେ ସରକାରୀ ଚାକିରି ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଯୋଗୁଁ କର୍ଫ୍ୟୁ ଜାରି କରାଯାଇଥିଲା ଏବଂ ସେବେଠାରୁ

ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି । ଢାକା ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ହିଂସାତ୍ମକ ଘଟଣା ଘଟିଥିବା ଖବର ମିଳିଛି । ଢାକାର ମୁଷିଗଞ୍ଜଠାରେ ଦୁଇ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମଗୁରାରେ ପୁଲିସ୍ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଜଣଙ୍କର ମୃତ୍ୟୁ ହେବା ସହ ୨୦ ଜଣ ଆହତ ହୋଇଛନ୍ତି ।

ବାଂଲାଦେଶର ଗୃହମନ୍ତ୍ରୀ ଅସଦୁ ଜା ମମ୍ ଖାଁ ଗତକାଲି ଆଇନ୍ ସୁରକ୍ଷା ସଂସ୍ଥାର ପ୍ରମୁଖ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଡାକିଥିଲେ । ଏହାପରେ ସେ ଗଣମାଧ୍ୟମକୁ କହିଛନ୍ତି ଛାତ୍ରମାନଙ୍କର ଆନ୍ଦୋଳନ ସଂକ୍ରାନ୍ତ ବିଷୟକୁ ପୁର୍ନବିଚାର କରାଯିବ । ପ୍ରତିବାଦକାରୀ ଆନ୍ଦୋଳନରୁ ନିବୃତ୍ତ ରହି ନିଜ ଘରକୁ ଫେରିଯିବାକୁ ସେ ଅନୁରୋଧ କରିଛନ୍ତି । ଢ଼ାକାରେ ବଳବତ୍ତର ରହିଥିବା କର୍ଫ୍ୟୁକୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ କୋହଳ କରାଯାଇଛି । ଗଣ୍ଡଗୋଳରେ ଅଂଶଗ୍ରହଣ କରି ଅଟକ ରହିଥିବା ଛାତ୍ରଛାତ୍ରୀଙ୍କୁ ଖଲାସ କରିଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବାଂଲାଦେଶ ପି.ଏମ୍. ମିଟିଂ

ବାଂଲାଦେଶରେ ବିକ୍ଷୋଭକାରୀମାନେ ଆଜି ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସୁରକ୍ଷା ସମ୍ବନ୍ଧୀୟ ରାଷ୍ଟ୍ରୀୟ କମିଟିର ବୈଠକରେ ଯୋଗ ଦେଇଥିଲେ । ସେହି ବୈଠକରେ

ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା, ସମସ୍ତ ମନ୍ତ୍ରୀ, ସଚିବ, ତିନି ସେନାର ମୁଖ୍ୟ ଏବଂ ପୁଲିସ୍ ଯୋଗ ଦେଇଥିବା ଜଣାପଡ଼ିଛି ।

## ଶୋଭନା ରାନାଡେ - ଡେଥ୍

ଗାନ୍ଧୀବାଦୀ ନେତ୍ରୀ ତଥା ସମାଜସେବିକା ଶୋଭନା ରାନାଡେଙ୍କର ଆଜି ୧୦୦ ବର୍ଷ ବୟସରେ ପୁଣେଠାରେ ପରଲୋକ ଘଟିଛି । ସାମାଜିକ କାର୍ଯ୍ୟ ନିମନ୍ତେ ତାଙ୍କୁ ୨୦୦୧ ମସିହାରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା । ଶ୍ରୀମତୀ ରାନାଡେ ମହିଳା ଏବଂ ଶିଶୁମାନଙ୍କପାଇଁ ଅନେକ ଗୁଡ଼ିଏ ଅବିସ୍ମରଣ କାର୍ଯ୍ୟ କରିଯାଇଛନ୍ତି ।

## ଜେ.କେ. - ରେନ୍

ଜମ୍ମୁ-କାଶ୍ମୀରର ଗନ୍ଦରବଲଠାରେ ବାଦଲଫଟା ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ଶ୍ରୀନଗର-ଲେହ ଜାତୀୟ ରାଜପଥ ଅବରୋଧ ହୋଇଛି । ସେହି ମାର୍ଗରେ କୌଣସି ଯାନବାହନ ଚଳାଚଳ କରୁ ନାହିଁ । ଇତିମଧ୍ୟରେ ସମ୍ପୃକ୍ତ ମାର୍ଗକୁ ଖୋଲିବା ଲାଗି ଉଦ୍ୟମ ଜାରି ରହିଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଦଲଫଟା ବର୍ଷା ଯୋଗୁଁ ଚେରୱାନ୍, ପଦବବଲ

ଅଞ୍ଚଳରେ କେତେକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି ।

## ବିହାର - ଇମେଲ୍

ବିହାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ବିସ୍ଫୋରଣରେ ଉଡ଼ାଇଦେବା ନେଇ ଆସିଥିବା ଧମକପୂର୍ଣ୍ଣ ଇ-ମେଲ୍ ମାମଲାରେ ସେଠାକାର ପୁଲିସ୍ ଏତଲା ଦାଏର କରିଛି । ଗତମାସ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ଅଧିକୃତ ଇ-ମେଲ୍‌ରେ ଏହି ବାର୍ତ୍ତା ଆସିଥିଲା । ସଚିବାଳୟ ଥାନାର ଏସ୍.ଏଚ୍.ଓ. ସଜୀବ କୁମାରଙ୍କ ବୟାନକୁ ଭିତ୍ତିକରି ମାମଲା ରୁଜୁ କରାଯାଇଛି । ପ୍ରାଥମିକ ତଦନ୍ତରୁ ଇ-ମେଲ୍ ପଠାଇଥିବା ବ୍ୟକ୍ତି ନିଜର କିଛି ପରିଚିତ ଲୋକଙ୍କୁ ଫସାଇବାକୁ ଚାହୁଁଥିବା ଜଣାପଡ଼ିଛି । ପୁଲିସ୍ କହିଛି, ଇ-ମେଲ୍ ପଠାଇଥିବା ବ୍ୟକ୍ତିକୁ ଚିହ୍ନଟ କରାଯାଇଛି ଏବଂ ତାକୁ ଖୁବ୍ ଶୀଘ୍ର ଗିରଫ କରାଯିବ ।

## ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକିଟମ୍ ପୁରୁଷ ହକି ଇଭେଣ୍ଟ୍‌ସ୍‌ରେ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଆଜି ଖେଳାଯାଇଥିବା କ୍ୱାର୍ଟର

ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଟିମ୍ ବ୍ରିଯେନ୍‌କୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ରେ ପରାସ୍ତ କରିଛି । ଚାରି କ୍ୱାର୍ଟର ଖେଳ ପରେ ଦୁଇ ଟିମ୍‌ର ସ୍କୋର ୧-୧ରେ ରହିଥିଲା । ଏହାପରେ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ଭାରତୀୟ ଟିମ୍ ୪-୨ରେ ବ୍ରିଟେନ୍‌କୁ ପରାସ୍ତ କରିଥିଲା । ଏହିଭଳି ଭାବେ ଭାରତୀୟ ପୁରୁଷ ହକି ଟସମ୍ ଲଗାତର ଦ୍ୱିତୀୟ ଥର ଅଲିମ୍ପିକ୍ସର ସେମିଫାଇନାଲ୍‌ରେ ସ୍ଥାନ ପାଇଛି । ଭାରତୀୟ ଟିମ୍ ସେମିଫାଇନାଲ୍‌ରେ ବିଜୟ ହାସଲ କଲେ ଅତିକମ୍‌ରେ ରୌପ୍ୟ ପଦକ ଜିତିପାରିବ ।

## କେରଳ - ଓ୍ୱାୟନାଡ

କେରଳର ଓ୍ୱାୟନାଡରେ ଗତ ମଙ୍ଗଳବାର ହୋଇଥିବା ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୩୦୦କୁ ବୃଦ୍ଧି ପାଇଛି । ସେନାଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମଲ୍ଲାପୁରମ୍ ଜିଲ୍ଲା ସ୍ଥିତ ଛଲିୟାର ନଦୀରୁ କୌଣସି ମୃତଦେହ ମିଳି ନାହିଁ ।

ଅନ୍ୟପକ୍ଷରେ ଭୂ-ସ୍ଖଳନରେ ଉଦ୍ଧାର ପାଇଥିବା ଶିଶୁଙ୍କୁ ଘଟଣା ସମ୍ପର୍କରେ କୌଣସି ପ୍ରଶ୍ନ ନପଚାରିବାକୁ କେରଳର ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ବାରମ୍ବାର ଶିଶୁଙ୍କ ସହ ଭୂ-ସ୍ଖଳନ ଘଟଣା ନେଇ ଆଲୋଚନା କରିବା ଦ୍ୱାରା

ସେମାନଙ୍କ ଉପରେ ମାନସିକ ଚାପ ପଡିବ । ଭୂ-ସ୍ଖଳନ ଘଟଣା, ପାରିପାରିକ ସ୍ଥିତି, ବନ୍ଧୁବାନ୍ଧବ ଏବଂ ପାଠପଢ଼ା ନେଇ ପିଲାମାନଙ୍କ ସହ କୌଣସି ପ୍ରକାର ଆଲୋଚନାରୁ ନିବୃତ୍ତ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଗଣମାଧ୍ୟମକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ବହୁ ଶିଶୁ ଏହି ଭୂ-ସ୍ଖଳନରେ ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କୁ ହରାଇଥିବା ନେଇ ଜାଣି ନାହାନ୍ତି । ସେ ବିଷୟ ନେଇ ତାଙ୍କ ସହ ଆଲୋଚନା କଲେ ସେମାନଙ୍କର ମାନସିକ ସ୍ଥିତି ଅଧିକ ଖରାପ ହେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

## ବ୍ରିଟେନ୍ - ପ୍ରେଟେଷ୍ଟ

ବ୍ରିଟେନ୍‌ର ଉତ୍ତର-ପଶ୍ଚିମ ଅଞ୍ଚଳରେ ଛୁରୀରେ ଆକ୍ରମଣ ଯୋଗୁଁ ୩ ଜଣ ଝିଅଙ୍କ ମୃତ୍ୟୁ ହେବା ଫଳରେ ବିଭିନ୍ନ ସ୍ଥାନରେ ହିଂସା ସୃଷ୍ଟି ହୋଇଛି । ଗତକାଲି ଦକ୍ଷିଣପନ୍ଥୀ ବିକ୍ଷୋଭକାରୀମାନଙ୍କ ସହ ଅନେକ ପୁଲିସ୍ କର୍ମୀ ଏହି ଦଙ୍ଗାରେ ଆହତ ହୋଇଛନ୍ତି । ୩ ଜଣ ଝିଅଙ୍କ ଉପରେ ହୋଇଥିବା ଆକ୍ରମଣରେ ଜଣେ ମୁସଲମାନ୍ ସମ୍ପ୍ରଦାୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଥବାନେଇ ମିଛ ଖବର ପ୍ରସାରିତ ହେବା ପରେ ଦଙ୍ଗା ବୃଦ୍ଧି ପାଇଥିଲା । ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲାରେ ପୁଲିସ୍ ଜଣେ ୧୭ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରିଛି । ସମ୍ପୃକ୍ତ ବ୍ୟକ୍ତିଜଣକ ବ୍ରିଟେନ୍ ଜନ୍ମିତ ବୋଲି

ଜଣାପଡ଼ିଛି । ଗତ ସପ୍ତାହରେ ବ୍ରିଟେନ୍‌ର ସାଉଥ୍ ପୋର୍ଟରେ ଏକ ଡ୍ୟାନ୍ସ କ୍ଲବ୍‌ରେ ଛୁରୀ ଆକ୍ରମଣରେ ୩ ଜଣ ଝିଅଙ୍କ ମୃତ୍ୟୁ ଘଟିଥିଲା ।

## ନେପାଳ - ଆଶ୍ମା କୁମାରୀ

ଆଶ୍ମା କୁମାରୀ କେସି ମିସ୍ ନେପାଳ ୱାର୍ଲ୍ଡ୍-୨୦୨୪ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି । ସେ ୨୫ ଜଣ ପ୍ରତିଯୋଗୀଙ୍କ ସହ ଏଥିପାଇଁ ମୁକାବିଲା କରୁଥିଲେ । ୨୮ତମ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଲଳିତପୁର ସ୍ଥିତ ଗୋଦାବରୀ ସନ୍‌ରାଇଜ୍ ସମ୍ମେଳନ କେନ୍ଦ୍ରରେ ଆୟୋଜିତ ହୋଇଥିଲା । ମିସ୍ ୱାର୍ଲ୍ଡ୍ ୨୦୨୪ରେ ଭାଗ ନେଇଥିବା ଶ୍ରୀଛା ପ୍ରଧାନ ଆଶ୍ମାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଥିଲେ । ଏହି ପ୍ରତିଯୋଗିତାରେ ସୁମାନା କେସି ଏବଂ କରୁଣ ରାୱତ୍‌ଙ୍କୁ ମିସ୍ ନେପାଳ ଆର୍ଥ ଓ ମିସ୍ ନେପାଳ ଇଣ୍ଟରନ୍ୟାସନାଲ୍ ଭାବେ ଚୟନ କରାଯାଇଛି ।

## ଟେଲିଭିଜନ୍ ପ୍ରୋଗ୍ରାମ୍

ଦୂରଦର୍ଶନ ୪ଟି ନୂଆ ଟେଲିଭିଜନ କାର୍ଯ୍ୟକ୍ରମର ଘୋଷଣା କରିଛି । ଏ ସମସ୍ତ ଶୋ'ଗୁଡ଼ିକ ଅଗଷ୍ଟ ପ୍ରଥମ ଭାଗରେ ପ୍ରିମ୍ରିର ନିମନ୍ତେ ନିର୍ଦ୍ଧାରିତ

କରାଯାଇଛି, ଯାହାକି ଦୂରଦର୍ଶନର ସହ୍ୟାଦ୍ରି ଓ ରାଷ୍ଟ୍ରୀୟ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଦୂରଦର୍ଶନ ମୁମ୍ବାଇର ପ୍ରମୁଖ ସନ୍ଦୀପ ସୁଦ୍ କହିଛନ୍ତି, ଏହି ନୂଆ ଶୋ'ଗୁଡ଼ିକର ନାମ ଆମ୍‌ଚି ଅନନ୍ୟା, ଆମ୍‌ଚେ ହେ... ଆମଚି ହି, ବଚୁ ଆନନ୍ଦେ ଏବଂ ହମ୍ ତୋ ମିଡିଲ୍ କ୍ଲାସ ହେ । ଏହି ନୂତନ କାର୍ଯ୍ୟକ୍ରମ ସାଂସ୍କୃତିକ ଐତିହ୍ୟର ଉତ୍ସବ ପାଳନ କରିବା, ସାହିତ୍ୟିକ ଉତ୍କୃଷ୍ଟତାକୁ ଅଗ୍ରାଧିକାର ଦେବା ଏବଂ ମନକୁ ଛୁଇଁଯାଉଥିବା ମନୋରଞ୍ଜନ ପ୍ରଦାନ କରିବା ପ୍ରତି ଏହା ଦର୍ଶାଉଛି । ପ୍ରତ୍ୟେକ ଶୋ' କାହାଣୀ କହିବାର ଏକ ନିଆରା ସ୍ୱାଦ ନେଇ ଆସୁଛି, ଯାହା ଭାରତୀୟ ସଂସ୍କୃତି, ପାରିବାରିକ ଜୀବନ ଏବଂ ସମୃଦ୍ଧିର ଉତ୍ସବ ମନାଇଥାଏ ।

## ଯାମିନୀ କୃଷ୍ଣମୂର୍ତ୍ତି - କଣ୍ଡୋଲେନ୍ସ

ନୃତ୍ୟାଙ୍ଗନା ତଥା ପଦ୍ମବିଭୂଷଣରେ ସମ୍ମାନିତ ଡକ୍ଟର ଯାମିନୀ କୃଷ୍ଣମୂର୍ତ୍ତିଙ୍କ ବିୟୋଗରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହିତ ବହୁ ନେତା ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ତାଙ୍କ ବିୟୋଗ ସମ୍ପର୍କରେ ଶୁଣି ସେ ଦୁଃଖିତ । ସେ ଭାରତନାଟ୍ୟମ୍ ଓ କୁଚିପୁଡ଼ିର ଅଗ୍ରଣୀ କଳାକାର ଥିଲେ । ତାଙ୍କ ବିୟୋଗ କଳା ଓ ସଂସ୍କୃତିର ଦୁନିଆପାଇଁ ଏକ ବଡ଼ କ୍ଷତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରି କହିଛନ୍ତି, ଡକ୍ଟର ଯାମିନୀ କୃଷ୍ଣମୂର୍ତ୍ତି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଉତ୍କୃଷ୍ଟତା ଓ ସମର୍ପଣ ଅନେକ ପିଢ଼ିକୁ ପ୍ରେରିତ କରିଛି ଏବଂ ଆମର ସାଂସ୍କୃତିକ ପରିଦୃଶ୍ୟରେ ଏକ ଅଲାଭା ଛାପ ଛାଡ଼ିଛି । ସେ ଆମ ଐତିହ୍ୟକୁ ସମୃଦ୍ଧ କରିବାପାଇଁ ବହୁତ କାମ କରିଛନ୍ତି ।

## କ୍ରିକେଟ୍

ଭାରତ-ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି କଲମ୍ବୋର ପ୍ରେମଦାଶା ଷ୍ଟାଡିୟମ୍‌ଠାରେ ଖେଳାଯାଉଛି । ପ୍ରଥମେ ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୪୦ ରନ୍ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨୪୧ ରନ୍ ବିଜୟଲକ୍ଷ୍ୟର ପିଛା କରି ୭ ଓଭର୍‌ରେ ୪୩ ରନ୍ ସଂଗ୍ରହ କରିଛି ।

*****